## ସଂକ୍ଷେପରେ

ଲକ୍ଷାଧିକ ଟଙ୍କା ଠକେଇ ଘଟଣା

### ଭୁବନେଶ୍ୱର , ବ୍ରହ୍ମପୁରରୁ ୨ ଅଭିଯୁକ୍ତଙ୍କୁ ଉଠାଇ ଆଣିଲା ପୋଲିସ

**ନବରଙ୍ଗପୁର,୧୧।୧୧(ବି.ପ୍ର)-** ନବରଙ୍ଗପୁର ଜିଲାରେ ନେଟୱର୍କ ମାର୍କେଟିଂ ନାମରେ କମ୍ପ୍ୟୁଟର, ସ୍ପୋକେନ ଇଂଲିସ, ବିଭିନ୍ନ ଆତ୍ମକୌଶଳ ଶିକ୍ଷା, ଚାକିରି ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜଣେ ସିନିୟର କର୍ମକର୍ତ୍ତା ଶିବ ସ୍ୱାଇଁଙ୍କୁ ନବରଙ୍ଗପୁର ପୋଲିସ ଅଗଷ୍ଟ ୨୭ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ଅନୁଷ୍ଠାନର ସିଏମଡି. ଉମେଶ ମିଶ୍ରଙ୍କୁ ଭୁବନେଶ୍ୱର ଏକ ଆପାର୍ଟମେଣ୍ଟରୁ ନବରଙ୍ଗପୁର ପୋଲିସ ଉଠାଇ ଆଣିଛି। ତାଙ୍କ ଘର ବ୍ରହ୍ମପୁର ସ୍ଥିତ ବାପୁଜୀ ନଗର ବୋଲି ଜଣାପଡ଼ିଛି । ସେହିଭଳି ବ୍ରହ୍ମପୁର ମା'ନଗରରୁ ଉମେଶଙ୍କ ସହଯୋଗୀ ଶୁଭମ ପ୍ରଧାନଙ୍କୁ ମଧ୍ୟ ପୋଲିସ ନବରଙ୍ଗପୁର ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଛି । ଅତିରିକ୍ତ ଥାନା ଅଧିକାରୀ ଶୁଭେନ୍ଦୁ ଶବର, ଏଏସଆଇ ଅମର ମିଶ୍ର, ଏଏସଆଇ ଅଶୋକ କୁମାର ଦେଓ ଚଢ଼ାଉରେ ସାମିଲ ହୋଇଥିଲେ। ଏକ ବର୍ଷ ହେବ ଆରଡୁଏଲ ଗ୍ଲୋବାଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ନବରଙ୍ଗପୁରକୁ ଆସିଥିଲା । ଏହାର ସିଏମଡି ଉମେଶ ମିଶ୍ର, ଟପ ସିନିୟର ଭାବେ ଶୁଭମ ପ୍ରଧାନ ରହିଥିଲେ । ଯୁବତୀ ଯୁବକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନବରଙ୍ଗପୁର ଠାରେ କାୟା ବିସ୍ତାର କରି ଜଣକ ପିଛା ୪ ହଜାର ରୁ ୧୦ ହଜାର ୫ଶହ ଟଙ୍କା ପର୍ଯ୍ୟନ୍ତ ଦେଇ ଉକ୍ତ ସଂସ୍ଥାରେ ଯୋଗ ଦେବାକୁ ପ୍ରବର୍ତ୍ତାଇଥିଲେ। ଠକେଇର ଶିକାର ହେବା ପରେ କବିତା ନାୟକ ଥାନାରେ ଏତଲା ଦେଇଥିବା ୮ ଜଣ ସାକ୍ଷ୍ୟ ଭାବେ ରହିଥିଲେ । ଏନେଇ ନବରଙ୍ଗପୁର ଥାନାରେ ନଂ.୧୬୮/୧୯ ଏକ ମାମଲା ରୁଜୁ କରାଯାଇଛି ।

### କମ୍ବଳ ବଣ୍ଟନ



**ଡାବୁଗାଁ,୧୧।୧୧(ଡି.ଏନ.ଏ.)** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଚଚରାଗୁଡା ପଞ୍ଚାୟତ ଅଧୀନ କେଲିଆ ଶୈବପୀଠରେ କାର୍ତ୍ତିକ ମାସ ଶେଷ ସୋମବାର ମହାଦେବଙ୍କୁ ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ ଜମିଥିଲା। ଭୋରରୁ ଭକ୍ତମାନେ ଆସି ମହାଦେବଙ୍କୁ ଦର୍ଶନ କରିଥିଲେ । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଶୈବପୀଠକୁ ଆସି ମହାଦେବଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିସରରେ ବସି ଭିକ୍ଷା ମାଗୁଥିବା ଭିକାରୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପ୍ରାୟ ୨୫ ଜଣ ଭିକାରୀଙ୍କୁ କମ୍ବଳ ପ୍ରଦାନ କରଯାଇଥିଲା। ଏଥିରେ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଏମ. ଆପ୍ପା ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ତେଜିଲା ମଦ ବିରୋଧୀ ଅଭିଯାନ

**ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୧।୧୧ (ବି.ପ୍ର)**

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ବେଜୁଗୁଡା ଗାଁରେ ବେଆଇନ ମଦ କାରାବାରକୁ ନେଇ ତେଜିଲା ମଦ ବିରୋଧୀ ଅଭିଯାନ। ଶତାଧିକ ମହିଳା ମଦ କାରାବାର ବନ୍ଦ କରିବା ପାଇଁ ବହୁବାର ଜିଲା ପ୍ରଶାସନ , ଅବକାରୀ ବିଭାଗ ଓ ମଦ ବ୍ୟବସାୟୀଙ୍କୁ ସତର୍କ ବାଣି ଶୁଣାଇଥିଲେ। ଏଥିପ୍ରତି କେହି ଗୁରୁତ୍ୱ ନଦେବାରୁ ଲମତାଗୁଡାର ନାଏବ ସରପଞ୍ଚ ପୁଷ୍ପାଞ୍ଜଳୀ ନାୟକଙ୍କ ନେତୃତ୍ୱରେ କିଛି ମହିଳା ଓ ଯୁବକ ମଦ ଭାଟିରେ ପହଞ୍ଚି ସେଠାରେ ଥିବା ମଦ ପୋଚ ଗୁଡିକ ଢାଳି ଦେଇଥିଲେ। ମଦ ପ୍ରସ୍ତୁତ ସାମଗ୍ରୀ ଓ ଆସବାପତ୍ର ଠେଙ୍ଗା ଦ୍ୱାରା ପିଟି ଭାଙ୍ଗି ଦେଇଥିଲେ। ମଦ ମୁକ୍ତି ପାଇଁ ପ୍ରତ୍ୟେକ ଘରୁ ମହିଳା ଓ ଯୁବକମାନେ ବାହାରି ଆଖ ପାଖ ଅଞ୍ଚଳରେ ମଦ ବ୍ୟବସାୟ କରିବାକୁ ନଦେବାପାଇଁ ଦୃଢ ସଂକଳ୍ପ କରି ଶୋଭାଯାତ୍ରା ବାହାରିଥିଲେ । ବେଆଇନ ମଦ ଭାଟି ଗୁଡିକରେ ପହଞ୍ଚି ମଦ ଗୁଡିକ ଫିଙ୍ଗି ଦେଇଥିଲେ। ନିଶାଗ୍ରସ୍ତ ହୋଇ ଘରକୁ ଫେରୁଥିବା ଲୋକଙ୍କ ଲାଗି ଘରୋଇ ହିଂସା ଓ ଗଣ୍ଡଗୋଳର କାରଣ ହେଉଛି। ଏହାଦ୍ୱାରା ଗାଁ ମାନଙ୍କରେ ମଧ୍ୟ ଅଶାନ୍ତ ପରିବେଶ ଦେଖାଯାଉଛି। ବିଶାକ୍ତ ମଦ ଯୋଗୁଁ ଅନେକ ଲୋକଙ୍କ ପ୍ରାଣ ହାନୀ ଘଟୁଛି ଓ ସୁଖ ସଂସାର ଉଜୁଡି ଯାଉଛି। ଏଥିପାଇଁ ମହିଳାମାନେ ସଚେତନ କରାଇବା ସହିତ ମଦମୁକ୍ତି ଅଭିଯାନକୁ ଗ୍ରହଣ କରି ଅଣ୍ଟା ଭିଡିଛନ୍ତି। ଯେ ପର୍ଯ୍ୟନ୍ତ ସରକାର ମଦ ବିକ୍ରି ବନ୍ଦ କରିବେନି ଏହିଭଳି ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।



ମହିଳାମାନେ ପୋଚ ନଷ୍ଟ କରୁଛନ୍ତି ।

**ଗାଁ ବୁଲି ଭାଙ୍ଗିଲେ ମଦ ଭାଟି**

# ଇନ୍ଦ୍ରାବତୀର କପୁର ଡ୍ୟାମରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

**ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୧।୧୧(ବି.ପ୍ର/ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାରର କପୁର ଡ୍ୟାମରୁ ଜଣେ ମହିଳା ସୋମବାର ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ଜୟନ୍ତୀ ହରିଜନ (୧୮)। ତେନ୍ତୁଳିଖୁଣ୍ଟି ବ୍ଲକ ବେଡାପଦର ଗ୍ରାମର ଭାସ୍କର ହରିଜନଙ୍କ ଝିଅ ଜୟନ୍ତୀ ଡୁମୁରିଗୁଡା ଗ୍ରାମର ନବ ହରିଜନଙ୍କ ପୁଅ ଭୁବନଙ୍କୁ ୮ ମାସ ତଳେ ପ୍ରେମ ବିବାହ କରିଥିଲେ। ସେହି ସମୟରେ ଜୟନ୍ତୀ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ରବିବାର ଶାଶୁଘରେ ଗଣ୍ଡଗୋଳ ହେବା ପରେ ଜୟନ୍ତୀ ବାପ ଘରକୁ ଚାଲି ଆସିଥିଲେ। ନିଜ ଭବିଷ୍ୟତ କଥା ଚିନ୍ତା କରି ପୁଣି ଶାଶୁ ଘର ଡୁମୁରିଗୁଡାକୁ ଜୟନ୍ତୀ ଆସିଥିଲେ। ସେଠାରେ ଜୟନ୍ତୀଙ୍କ ସହ ଶାଶୁ, ନଣନ୍ଦ ଓ ସ୍ୱାମୀ ଗଣ୍ଡଗୋଳ କରିଥିଲେ। ସୋମବାର ସକାଳେ ଇନ୍ଦ୍ରାବତୀ କଲେଜକୁ ଯିବି କହି ଜୟନ୍ତୀ ଆସି କପୁର ଡ୍ୟାମରୁ ଜଳ ଭଣ୍ଡାରକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଖବର ପାଇ ଖାତିଗୁଡା ଥାନା ଅଧିକାରୀ ଦାମୋଦର ବିହାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ଜଳଭଣ୍ଡାରରୁ ଜୟନ୍ତୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବିବାହ ପରେ ଝିଅକୁ ଶ୍ୱଶୁର ଘର ଲୋକ ମାରପିଟ କରୁଥିଲେ। ନିର୍ଯାତନା ସହି ନ ପାରି ଜୟନ୍ତୀ ଡ୍ୟାମରୁ ଡେଇଁ ଆତ୍ମହତ୍ୟା କରିଛି ବୋଲି ଭାସ୍କର ଖାତିଗୁଡା ଥାନାରେ ଅଭିଯୋଗ କରିଛନ୍ତି। ଶାଶୁ ଘର ଲୋକଙ୍କ ଯୋଗୁ ମାନସିକ ଭାରସାମ୍ୟ ହରାଇ ଜୟନ୍ତୀ ଆତ୍ମହତ୍ୟା କରିଛନ୍ତି ବୋଲି ଭଉଣୀ ଛବି ହରିଜନ ଅଭିଯୋଗ କରିଛନ୍ତି ।

# ଶୈବପୀଠ ନିର୍ମାଣ ନେଇ ବୈଠକ



ବୈଠକରେ ଏମପି ରମେଶ ଚନ୍ଦ୍ର ମାଝି,ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଓ ଅନ୍ୟମାନେ।

**ଝରିଗାଁ,୧୧।୧୧(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣ୍ଣଆଗୁଡା ପଞ୍ଚାୟତ ଦେଉଳକୋଣା ଗ୍ରାମରେ ରହିଛି ଐତିହାସିକ ଶୈବପୀଠ। ଏହି ଶୈବପୀଠ କେତେ ପୁରୁଣା ତାହା କହିବା ଅସମ୍ଭବ ରହିଥିବା ବେଳେ ଏହାର ଅର୍ଦ୍ଧ ନିର୍ମିତ ମନ୍ଦିରକୁ ପୁନଃ ନିର୍ମାଣ ଲାଗି ପ୍ରଥମ ଥର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ସମସ୍ତ ରାଜନୈତିକ ଦଳର ବରିଷ୍ଠ ନେତା ମାନଙ୍କ ସହ ମହିଳା, ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟିର ସଭ୍ୟ କପିଳଦାସ ପନକା , ଈଶ୍ୱର ମାଝୀ ଏବଂ ସଦାଶିବ ପଟ୍ଟନାୟକଙ୍କ ସଭାପତିତ୍ୱରେ ମନ୍ଦିର ନିର୍ମାଣକୁ ଗୁରୁତ୍ୱ ଦିଆଯାଇ ଦେଉଳକୋଣ ମନ୍ଦିର ନିକଟରେ ବୈଠକ ଅନୁଷ୍ଠିତ ହୋଇଅଛି। ଏଥିରେ ମୁଖ୍ୟ ଅତିଥିଭାବେ ଏମପି ରମେଶ ଚନ୍ଦ୍ର ମାଝୀ, ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ପ୍ରମୋଦ କୁମାର ପାଢୀ, ଏମପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ବିଜେଡି ବ୍ଲକ ସଭାପତି ଉଦୟନାଥ ନାୟକ, ବାଣ୍ଣଆଗୁଡା ସରପଞ୍ଚ ପୂର୍ଣ୍ଣ ମାଝି, ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ମୋହନ ନାୟକ, ବ୍ଲକ ଅଧ୍ୟକ୍ଷା ରମୁଲା ଗଣ୍ଡ, ଝରିଗାଁ ସରପଞ୍ଚ ଅଗସ୍ତି ପୂଜାରୀ, ଲ୍ୟାମ୍ପସ ଅଧ୍ୟକ୍ଷ ବାସନ୍ତି ଗଣ୍ଡ, କୁଟ୍ରିଛାପର ସମିତି ସଭ୍ୟା ଲଛମା ଗଣ୍ଡ, ପ୍ରେମାନନ୍ଦ ପାଣ୍ଡେ, ତମ୍ବୁଦାସ ପନକା ଉପସ୍ଥିତ ଥିଲେ। ମନ୍ଦିର ନିର୍ମାଣ ନେଇ ନୂତନ ଭାବେ କମିଟି ଗଠନ କରାଯାଇ ସେଥିରେ ସଭାପତି ଭାବେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କୁ ଚୟନ କରାଯାଇଥିଲା। ସେହିପରି ଉପସଭାପତି ଭାବେ ସଦାଶିବ ପଟ୍ଟନାୟକ, ସଂପାଦକ ପ୍ରୀୟରଂଜନ ଦାସ, କୋଷାଧ୍ୟକ୍ଷ ଶିବ ପ୍ରସାଦ ଶତପଥି ରହିଥିବା ବେଳେ ଉପଦେଷ୍ଟାର ମୁଖ୍ୟ ଭାବେ ଏମପି ରମେଶ ଚନ୍ଦ୍ର ମାଝୀ, ପ୍ରମୋଦ କୁମାର ପାଢୀ,ଉଦୟନାଥ ନାୟକ, ପ୍ରେମାନନ୍ଦ ପାଣ୍ଡେ,ମଦନ ସାମଲ, ମୋହନ ପ୍ରଧାନୀ, ସତ୍ୟ ନାୟକ, କ୍ରିଷ୍ଣା ରାଓ, ରଜନିକାନ୍ତ ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ମନ୍ଦିର ନିର୍ମାଣ କରିବା ନେଇ ଆଗାମୀ କିଛି ଦିନ ମଧ୍ୟରେ ବୈଠକ କରାଯିବ ବୋଲି ବିଧାୟକ କହିଥିଲେ। ସେହିପରି ଏହି ଐତିହାସିକ ଶୈବପୀଠର ଉନ୍ନତୀ ନେଇ ସମସ୍ତ ଲୋକଙ୍କ ସହାୟତା ରହିଲେ ମନ୍ଦିର ନିର୍ମାଣ ନେଇ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ଏମପି କହିଥିଲେ।

## ମାସେ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

**ଡାବୁଗାଁ,୧୧।୧୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଗ୍ରାମରେ ୧ ମାସ ହେଲା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଠପ ହୋଇ ପଡି ରହିଛି । ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ନେଇ ଗ୍ରାମବାସୀ ୧୯।୧୦।୧୯ ତାରିଖରେ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଜଣାଇବା ସହ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲେ । ଗ୍ରାମବାସୀଙ୍କୁ କୌଣସି ସୁଫଳ ମିଳିନଥିଲା । ଗ୍ରାମବାସୀ ୪।୧୧।୧୯ ତାରିଖରେ ନବରଙ୍ଗପୁର ଜିଲାପାଳ ଙ୍କୁ ଲିଖିତ ଭାବେ ଅଭିଯୋଗ ଡାକଦ୍ୱାରା ପଠାଇଛନ୍ତି । ଏ ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ ଲକ୍ଷ୍ମଣ ପନକା, କର୍ଣ୍ଣ ପନକା, ସୁକମନ ପୂଜାରୀ, ଇଶ୍ୱର ପନକା, ବାସୁଦେବ ମାଳୀ, ଧନୁର୍ଜ୍ୟୟ କୁମ୍ଭାର, ସୁକ୍ରୁ ଭତରା, ନବୀନ ପ୍ରମୁଖ ଅଭିଯୋଗ କରିଛନ୍ତି । ଏଥପ୍ରତି ଜିଲାପାଳ ଦୃଷ୍ଟିଦେଇ ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



ପାନୀୟଜଳ ପ୍ରକଳ୍ପ ।

# ପୁରାତନ ଶିବଲିଙ୍ଗ ଆବିଷ୍କୃତ

**ଉମରକୋଟ/ଧୋଡ୍ରା ୧୧।୧୧ (ଡି.ଏନ.ଏ)**

ଉମରକୋଟ ବ୍ଲକ ନଙ୍ଗାରାଡଙ୍ଗରୀ ଗ୍ରାମ ନାଗାଭୈରବ ପାହାଡ଼ରେ ଏକ ପୁରାତନ ଶିବଲିଙ୍ଗ ରବିବାର ଆବିଷ୍କୃତ ହୋଇଛି। ନାଗାଭୈରବ ପାହାଡକୁ କନ୍ଦା ଖୋଳିବାକୁ ଦଶ୍ରୁମୁ ପୂଜାରୀ ଯାଇ ଗୋଟିଏ ସ୍ଥାନ ଖୋଳୁ ଥିବା ବେଳେ ଏକ ଗୋଲାକାର ଆକୃତିର ପଥର ଦେଖିବାକୁ ପାଇଥିଲେ। ପରେ ତାଙ୍କ ସହ ଯାଇଥିବା ସାଥୀମାନଙ୍କୁ ଡାକି ଉକ୍ତ ସ୍ଥାନ ଖୋଳିଥିଲେ। ଏହା ପରେ ନାଙ୍ଗରାଡଙ୍ଗରୀ ଗ୍ରାମକୁ ଆସି ଖବର ଦେଇଥିଲେ। ଗ୍ରାମବାସୀ ଉକ୍ତ ସ୍ଥାନ ଖୋଳିଲା ପରେ ତିନି ଫୁଟ ଗୋଲେଇର ପ୍ରାୟ ସାଢ଼େ ତିନି ଫୁଟ ଶିବ ଲିଙ୍ଗ ଆକାରର ପଥର ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାର ହେବାପରେ ନୂତନ ଶିବଲିଙ୍ଗ ଦର୍ଶନ ପାଇଁ ଶହ ଶହ ଲୋକଙ୍କ ଭିଡ ଜମିଥିଲା। ଖବର ପାଇ ପୋଡାଗଡ ଇତିହାସ ଉପରେ ଗବେଷଣା କରୁଥିବା ଗବେଷକ କୈଳାଶ ଚନ୍ଦ୍ର ବେହେରା ପହଞ୍ଚିଥିଲେ। ଶିବ ଲିଙ୍ଗକୁ ନିରୀକ୍ଷଣ କରି ଏହି ଲିଙ୍ଗ ସମ୍ଭବତଃ ନଳ ବଂଶ ପୂର୍ବରୁ ବାଣାସୁର ଶାସନ କରୁଥିବା ବେଳେ ପ୍ରତିଷ୍ଠିତ କରାଯାଇଥିବା ଅନୁମାନ କରାଯାଉଛି ବୋଲି କହିଥିଲେ। ପୋଡ଼ାଗଡ଼ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଉଦ୍ଧବ ନାୟକ, ଟଙ୍କ ଗୌଡ,ବାସୁଦେବ ଗୌଡ , ମାଧବ ଗୌଡ, ଜୟଦେବ ମାଝୀ, ନୁପୁର ଗୌଡ, ମାନସ ଗୌଡ, ଫୁଲସିଂ ବିଷୋୟୀ, ନରସିଂହ ମାଝୀ, ଅଭି ଗୌଡ, ନିଲାମ ଗୌଡ, କପୂର୍ ଚନ୍ଦ ଗୌଡ ପ୍ରମୁଖ ଉପସ୍ଥିତ ରହି ଶିବଲିଙ୍ଗରେ ଜଳାଭିଷେକ କରିଥିଲେ। ନଙ୍ଗରା ଦଙ୍ଗରୀ ଗ୍ରାମର ନାଗାର୍ଜୁନ କଳା ସାଂସ୍କୃତିକ ଯୁବ ପରିଷଦ ଏହି ପ୍ରାଚୀନ ଶିବ ଲିଙ୍ଗର ସୁରକ୍ଷା ପାଇଁ ନିଷ୍ପତ୍ତି ନେଇଛନ୍ତି।



ଖୋଳାଯାଇ ଶିବ ଲିଙ୍ଗ ମାଟି ତଳୁ ବାହାର କରାଯାଉଛି।

# ଅବ୍ୟବସ୍ଥାରେ ନବରଙ୍ଗପୁର ଇଣ୍ଡୋର ଷ୍ଟାଡିୟମ

**ନବରଙ୍ଗପୁର,୧୧।୧୧(ବି.ପ୍ର)–**

ଜିଲା କ୍ରିକେଟ ସଂଘ ସଭାପତି ପ୍ରହଲ୍ଲାଦ ତ୍ରିପାଠୀଙ୍କୁ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ସଦର ମହକୁମାସ୍ଥିତ ଇଣ୍ଡୋର ଷ୍ଟାଡିୟମଠାରେ ଜଣେ ବ୍ୟକ୍ତି ନିଜକୁ ଷ୍ଟାଡିୟମର କେୟାରଟେକର କହି ତ୍ରିପାଠୀଙ୍କୁ ଦୁର୍ବବହାର କରିଛନ୍ତି। ଏନେଇ ପ୍ରହଲ୍ଲାଦ ତ୍ରିପାଠୀ ତାଙ୍କ ବାସଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଇନଡୋର ଷ୍ଟାଡିୟମଠାରେ ଅନୁସୂଚିତ ଜନଜାତି ଓ ଜାତି, ଗରିବ ଓ ଛୋଟ ଛୋଟ ପିଲାମାନଙ୍କ ଖେଳର ଉନ୍ନତି ନିମନ୍ତେ ବ୍ୟବସ୍ଥା କରାଯାଇଛି। ତେବେ କେତେକ ବ୍ୟକ୍ତି ନିଜ ସ୍ୱାର୍ଥ ହାସଲ ନିମନ୍ତେ ପ୍ରଶାସନର ବିନା ଅନୁମତିରେ ପରିଚାଳନା ଦାୟିତ୍ୱରେ ରହିଥିବା ନିଜକୁ ଦାବି କରି ଖେଳାଳି ମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। କିଛି ଦିନ ଧରି ଜଣେ ଅଣକର୍ମଚାରୀ ଷ୍ଟାଡିୟମରେ ବିଭିନ୍ନ ଖେଳାଳିମାନଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ପାଇ ସୋମବାର ପ୍ରହଲ୍ଲାଦ ତ୍ରିପାଠୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ସେଠାରେ ତ୍ରିପାଠୀ ନିଜର ପରିଚୟ ଦେବାସତ୍ତ୍ୱେ କର୍ମକର୍ତ୍ତାମାନଙ୍କୁ ସେଠାରୁ ଚାଲିଯିବାକୁ କୁହାଯାଇଥିଲା ।ନିଜକୁ ସେ ଇଣ୍ଡୋର ଷ୍ଟାଡିୟମର କେୟାରଟେକର ବୋଲି କହିଥିଲେ ।ଏହା ପରେ ତ୍ରିପାଠୀ ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର ସାହୁଙ୍କ ଦୃଷ୍ଟି ଆକର୍ଷଣ କରି ଅଲ୍ଲୀଙ୍କୁ ନିଯୁକ୍ତି ଦିଆଯାଇଛି କି ବୋଲି ପଚାରିଥିଲେ । ସେଭଳି କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ ନାହିଁ ବୋଲି ଜଣାପଡିଥିଲା। ଇଣ୍ଡୋର ଷ୍ଟାଡିୟମରେ ବେଆଇନ ଭାବେ ନିଜକୁ କେୟାରଟେକର କହୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ସେଠାରୁ ବହିଷ୍କାର କରିବା ପାଇଁ ସେ ଦାବି କରିଛନ୍ତି। ନଚେତ ଆଗାମି ଦିନରେ ସମସ୍ତ କ୍ରୀଡାବିତ୍ଙ୍କୁ ନେଇ ସେ ଷ୍ଟାଡିୟମ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ କ୍ରୀଡାବିତ ବିପିନ ବିହାରି ଗନ୍ତାୟତ , ସୁଧିର ବେହେରା, ମନୋଜ ପଟ୍ଟନାୟକ, ଶଶାଙ୍କ ଶେଖର ବେହେରା, ସୁଧିର ବେହେରା, ଅଶୋକ ନାୟକ, ଜ୍ୟୋତି ପରିଛା ପ୍ରମୁଖ ଉପସ୍ଥିତ ରହିଥିଲେ।



ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ସଂଘ ସଭାପତି ଓ ଅନ୍ୟମାନେ ।

- ବିନା ନିଯୁକ୍ତିରେ କେୟାରଟେକର
- ଜିଲା କ୍ରିକେଟ ସଂଘ ସଭାପତିଙ୍କୁ ଦୁର୍ବ୍ୟହାର ଅଭିଯୋଗ

■ ଅଧାରେ ରହିଲା ହରିଶଙ୍କର ଦର୍ଶନ

# ଦୁର୍ଘଟଣାରେ ବାଳିକାଙ୍କ ଜୀବନ ଗଲା

**ପାପଡାହାଣ୍ଡି,୧୧।୧୧(ଡି.ଏନ.ଏ)–**

ସକାଳ ପାଇଲେ ହରି ଶଙ୍କର ଦର୍ଶନ ହୋଇଥାନ୍ତା । ହେଲେ ଦର୍ଶନ ଅଧାରେ ରହିଲା । ଭ୍ୟାନ ଧକ୍କାରେ ଚାଲିଗଲା ଜୀବନ । ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ସୋମବାର ସନ୍ଧ୍ୟାରେ ଘଟିଛି ଏହି ଘଟଣା । ବ୍ଲକର ମାନିଗାଁ ପଞ୍ଚାୟତ ବିରିସଲା ଗ୍ରାମର ମାମୁନି ସାନ୍ତାଙ୍କ (୭ ) ଏକ ଭ୍ୟାନ ଧକ୍କାରେ ମୃତ୍ୟୁ ହୋଇଛି । ହରିଶଙ୍କର ଦର୍ଶନ ପାଇଁ ଶାଲିମ ସାନ୍ତାଙ୍କ ପରିବାର ସୋମବାର ସନ୍ଧ୍ୟାରେ ଘରୁ ଏକ ଗାଡି ଧରି ବାହାରିଥିଲେ । ପାପଡାହାଣ୍ଡିରେ କିଛି ସଉଦା କରିବା ଲାଗି ସମସ୍ତେ ଉମରକୋଟ ରାସ୍ତାର ଏକ ଦୋକାନରେ କିଣାକିଣି କରିଥିଲେ। ମାମୁନି ବାପାଙ୍କ ପଛରେ ଆସୁଥିଲେ। ହଠାତ ରାସ୍ତା ପାରି ହେବା ସମୟରେ ପାପୁନି ଦୌଡ଼ି ଥିଲେ । ବିପରୀତ ଦିଗରୁ ଆସୁଥିବା ଏକ ଅଣ୍ଡା ଭ୍ୟାନ (ଓଆର୨୪ଏ୫୩୪୩) ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ସେ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ସାଙ୍ଗେ ସାଙ୍ଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।




## ୧୨ କ୍ଲବ ଗୃହ ଉଦଘାଟିତ

**ଉମରକୋଟ,୧୧।୧୧(ଡି.ଏନ.ଏ)**

ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉମରକୋଟ ବ୍ଲକ ସୋମବାର ଗସ୍ତ କରିଥିଲେ। ଏହି ଅବସରରେ ହିରାପୁର ଓ ଖାଣ୍ଡା ଗାଁରେ ୧୧ଟି କ୍ଲବ ଗୃହ ଓ ଖାଣ୍ଡା ପଞ୍ଚାୟତ ଅଫିସ ଉଦଘାଟନ କରିଛନ୍ତି। ଉମରକୋଟ ବ୍ଲକ ଅଧ୍ୟକ୍ଷ ଲାଇବନ ଭକ୍ତ, ଅଜିତ ପ୍ରଧାନ, ପିଣ୍ଟୁ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

**ନବରଙ୍ଗପୁର,୧୧।୧୧(ବି.ପ୍ର)–**

ତେନ୍ତୁଳିଖୁଣ୍ଟି ଥାନା ଅଧୀନ ଦିଗିସଲପା ଗାଁର ମନ୍ଦିର ପଛପଟେ ଥିବା ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ଦିଗିସଲପା ଗାଁର ସୀମାଞ୍ଚଳ ପଟ୍ଟନାୟକଙ୍କ ପୁଅ ରାଜା (୭)। ସୋମବାର ସ୍କୁଲ ଛୁଟି ଥିବାରୁ ରାଜା ଘରେ ଥିଲେ। ତେବେ ସେ କେତେବେଳେ ପୋଖରୀ ନିକଟକୁ ଗଲେ ତାହା ସନ୍ଦେହ ଘେରେ ରହିଛି। ସେ ପୁଜାରିଗୁଡା ଶିଶୁ ମନ୍ଦିରରେ ପାଠ ପଢୁଥିଲେ।

# ନିମ୍ନମାନର କଂକ୍ରିଟ ଖଳା ନିର୍ମାଣ ଅଭିଯୋଗ

**ପାପଡାହାଣ୍ଡି,୧୧।୧୧(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ପଞ୍ଚାୟତ ସଦର ମହକୁମାରେ କଂକ୍ରିଟ ଖଳା ନିର୍ମାଣ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନବରଙ୍ଗପୁର ତରଫରୁ ନୂତନ କମ୍ୟୁନିଟି ଥ୍ରେସିଂ ଫ୍ଲୋର ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷରେ ୭ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ଖଳା ନିର୍ମାଣ କରାଯାଇଛି । ନିର୍ମାଣ ପାଇଁ ପ୍ରଥମେ କମ ଗାତ କରି ଚାରିପଟୁ କାନ୍ଥ କରାଯାଇଥିଲା। ସେଠାରେ ଛୋଟ ପଥର ନ ଦେଇ ବଡ ବଡ଼ ପଥର ଦିଆଯାଇଥିଲା। ଏନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣି ନଥିବା ଗ୍ରାମବାସୀ କହିଛନ୍ତି । କମ ପରିମାଣରେ ସିମେଣ୍ଟ ପଡ଼ିବା ଦାରା ବର୍ଷାରେ ଧୋଇ ହୋଇ ପଥର ବାହାରି ପଡିଛି । ସରକାରୀ ନିୟମ ଅନୁଯାୟୀ କାମ ହୋଇନାହିଁ । ଥ୍ରେସିଂ ଫ୍ଲୋରରେ ଗାତ ଖୋଳି ଚାରି ପାଖ ଲୁହା ରଡ ବାନ୍ଧି ସିମେଣ୍ଟ କଂକ୍ରିଟ କରିବା କଥା । କିନ୍ତୁ ସେହି ପରିମାଣରେ ଲୁହା ରଡ କିମ୍ବା ସିମେଣ୍ଟ ବ୍ୟବହାର ହୋଇନାହିଁ । ନିୟମ ଅନୁଯାୟୀ ଖୋଳା ଯାଇଥିବା ଗାତ ଭିତରେ ବାଲି ଦେଇ ଭର୍ତ୍ତି କରିବା ଥିଲା । କିନ୍ତୁ ବାଲି ପରିବର୍ତ୍ତେ ମାଟି ଭର୍ତ୍ତି କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯଦ୍ଦ୍ୱାରା କି କାମର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ଦେଖାଦେଇଛି । ଗ୍ରାମବାସୀ ଏନେଇ ଗତ ୩୦।୯।୨୦୧୯ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନାହିଁ । କୋଇନ ବେନିୟା,ବାବୁନା ବେନିୟା ,ଶରତ ଚନ୍ଦ୍ର ବେନିୟା, ବିରେନ୍ଦ୍ର ମିଗାନ,ପିଣ୍ଟୁ ସୁନା, ଗୌରା ଚନ୍ଦ୍ର ବିଷୋୟୀ, ଲମ୍ବୁ ହରିଜନ, ରମେଶ ହରିଜନ, ଗଣେଶ ହରିଜନ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ।

**ଭିଜିଲାନ୍ସରେ ଜଣାଇଲେ ଗ୍ରାମବାସୀ**




ଖଳା ନିର୍ମାଣ ପାଇଁ ଲଗାଯାଇଥିବା ସୂଚନା ଫଳକ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ନଭେମ୍ବର ୧୨/୨୦୧୯ Rayagada, Tuesday, November. 12/2019

## ସଂକ୍ଷେପରେ

### ଶିବମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ

ଦାମନଯୋଡି,୧୧।୧୧(ଡ଼ି.ଏନ.ଏ): ପବିତ୍ର କାର୍ତ୍ତିକ ମାସର ଶେଷ ସୋମବାରରେ ଦାମନଯୋଡିର ବିଭିନ୍ନ ଶିବମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖାଯାଇଥିଲା। ଗତ ରାତିରୁ ବଡଓଷା ପାଇଁ ଗଜଭୋଗ ଲାଗି କରାଯାଇଥିଲା। ସୋମବାର ବଡିଭୋରରୁ ଶ୍ରଦ୍ଧାଳୁମାନେ ବିଭିନ୍ନ ଶୈବପୀଠ ଯାଇ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ମରିଚିମାଳର ସିଦ୍ଧେଶ୍ୱରଙ୍କ ପୀଠ, ଭେଜାପୁଟର ସିଦ୍ଧେଶ୍ୱର, ମହାଦେବଙ୍କ ମନ୍ଦିର, ମାଥାଲପୁଟର ଶ୍ରୀବଟୁକେଶ୍ୱର, ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର, ତ୍ରିନାଥ ମନ୍ଦିର, ଶନିଶ୍ଚର ମନ୍ଦିର, କଳାହାଣ୍ଡି କଲୋନୀର ଶିବମନ୍ଦିର, ସେକ୍ଟର ୧ ଓ ସେକ୍ଟର-୩ ଶିବମନ୍ଦିର, ଚକାପଦର କଲୋନୀ ମହାଦେବ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଥିଲା।

### ୧୩୩ ଜଣ ଦେଲେ କରାଟେ ପରୀକ୍ଷା

ସୁନାବେଡ଼ା,୧୧।୧୧(ଡ଼ି.ଏନ.ଏ):ସୁନାବେଡ଼ା ଏଡ଼ିଏଭି ହାଇସ୍କୁଲସ୍ଥିତ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୩ ଜଣ ପାସ କରିଥିଲେ। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ହରପ୍ରସାଦ ପଟ୍ଟନାୟକ ମୁଖ୍ୟ ପରୀକ୍ଷକ ଭାବେ ଯୋଗ ଦେଇଥିଲେ। କୋଚ ଏବଂ ରେଫରି ମହେଶ ବରା ସହ ପରୀକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜ୍ୟର ଅନ୍ୟ ରେଫରି ଦୁର୍ଗା ପ୍ରସାଦ ରଥ, ଜୟଦେବ ପଟ୍ଟନାୟକ ଏବଂ ହିମାଂଶୁ ଦାସ ଉପସ୍ଥିତ ଥିଲେ।

### ଆଜି ଶାବର ଶ୍ରୀକ୍ଷେତ୍ରରେ ବୋଇତ ବନ୍ଦାଣ ଉତ୍ସବ



କୋରାପୁଟ,୧୧।୧୧(ସ୍ୱ.ପ୍ର): ରାତି ପାହିଲେ କୋରାପୁଟର ଶାବର ଶ୍ରୀକ୍ଷେତ୍ରରେ ହେବ ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ତଥା ବୋଇତ ବନ୍ଦାଣ ଉତ୍ସବ। ତେଣୁ କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରଠାରେ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ କରାଯାଇଛି। କାର୍ତ୍ତିକ ମାସର ଶେଷ ସୋମବାର ତଥା କେଦାରବ୍ରତ ଥିବାରୁ ମନ୍ଦିରର କେଦାରନାଥଙ୍କ ନିକଟରେ ଶତାଧିକ ବ୍ରତଧାରୀ ପୂଜାର୍ଚ୍ଚନା କରିଥିଲେ। ସେହିପରି ବଡ ଦେଉଳରେ ଶ୍ରୀ ଜୀଉଙ୍କ ଲକ୍ଷ୍ମୀ ନୃସିଂହ ଦୁର୍ଲଭ ବେଶ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ମଙ୍ଗଳବାର ଭୋରରୁ ଶାବର ଶ୍ରୀକ୍ଷେତ୍ରରେ ତିନିଠାକୁରଙ୍କ ମଙ୍ଗଳ ଆରତୀ କରାଯିବା ସହିତ ଭୋର ୫ ଟାରେ ନରେନ୍ଦ୍ର ସରୋବରରେ ଜିଲାପାଳଙ୍କ ଉପସ୍ଥିତିରେ ବୋଇନ୍ଦ ବନ୍ଦାଣ ଉତ୍ସବ ଆୟୋଜିତ ହେବ। ଏନେଇ ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

### କାର୍ତ୍ତିକେଶ୍ୱରଙ୍କ ପୂଜା

ଜୟପୁର,୧୧।୧୧(ଡି.ଏନ.ଏ)- ଜୟପୁର କୁଞ୍ଜବିହାରି ମନ୍ଦିର ପ୍ରାଙ୍ଗଣରେ ସୋମବାର କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଛି। ବିଧି ଅନୁଯାୟୀ ବ୍ରାହ୍ମଣଙ୍କ ଦ୍ୱାରା ହୋମଯଜ୍ଞ ଏବଂ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ସୂର୍ଯ୍ୟଅସ୍ତ ପରେ ଏହି ପୂଜା ଆରମ୍ଭ କରାଯାଇ ବିଳମ୍ବିତ ରାତି ପ୍ରାୟ ୩ ଘଟିକା ସମୟରେ ବିସର୍ଜନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କାର୍ତ୍ତିକ ହବିଶାଳୀ ଏବଂ ଭକ୍ତମାନେ ଦର୍ଶନ କରିଥିଲେ।

# ‘ପରବ’ ନେଇ ମିନି ମାରାଥନ

## ପୁରୁଷରେ ଜିତେନ୍ଦ୍ର , ମହିଳାରେ ଭୂମିସୁତା ପ୍ରଥମ

କୋରାପୁଟ,୧୧।୧୧(ସ୍ୱ.ପ୍ର)



ଜିଲାପାଳ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରୁଛନ୍ତି।

ପରବ-୨୦୧୯ ଉପଲକ୍ଷେ କୋରାପୁଟରେ ସୋମବାର ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାର୍ନିଭାଲ ପଡିଆଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉଭୟ ବର୍ଗରେ ଶତାଧିକ କ୍ରିଡାବିତ୍ ଅଂଶ ଗ୍ରହଣ କରିଥିଲେ। ଏହି ମାରାଥନ କାରନିଭାଲ ପଡିଆଠାରୁ ଆରମ୍ଭ ହୋଇ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ପିଡି ଡିଆରଡିଏ ପ୍ରବୀର କୁମାର ନାୟକ, ପିଏଆଇଟିଡିଏ କାରୁ ସୋରେନ, ଜିଲା କ୍ରୀଡା ଅଧିକାରୀ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପରେ ଷ୍ଟାଡିୟମ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପୋଡାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରୁଷ ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ଓଏସଏପିର ଜିତେନ୍ଦ୍ର କୁମାର ଜୋଜଙ୍କୁ ୬ ହଜାର ଟଙ୍କାର ଚେକ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନନ୍ଦପୁରର ତୁଷାରକାନ୍ତ ଦୋରାଙ୍କୁ ୪ହଜାର ଟଙ୍କାର ଚେକ ଓ ତୃତୀୟ ସ୍ଥାନ ହାସଲ କରିଥିବା ଓଏସ୍ଏପିର ହେମସାଗର ପାତ୍ରଙ୍କୁ ୩ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ସେହିପରି ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୋରାପୁଟ ସ୍ପୋଟସ ହଷ୍ଟେଲର ଛାତ୍ରୀ ଭୂମିସୁତା ଦେହୁରିଙ୍କୁ ୬ ହଜାର ଟଙ୍କା ,ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଅଞ୍ଜନା ଗରଡାଙ୍କୁ ୪ ହଜାର ଟଙ୍କା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶକୁନ୍ତଳା ଭୂମିଆଙ୍କୁ ୩ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ରବି ଶତପଥୀ ପରିଚାଳନା କରିଥିଲେ।

■ ଆନ୍ଥ୍ରାକ୍ସରେ ୨ ଆକ୍ରାନ୍ତ

# ଗ୍ରାମରେ ପହଞ୍ଚିଲେ ଡାକ୍ତରୀ ଦଳ




ଡାକ୍ତରୀଦଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଦଶମନ୍ତପୁର,୧୧।୧୧( ଡ଼ି.ଏନ.ଏ )

ପ୍ରାଣୀ ସମ୍ପଦ ବିକାଶ ପକ୍ଷରୁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣ୍ଡାବାଡ଼ ପଞ୍ଚାୟତରେ ଥିବା ଏସ.ଡ଼ଣ୍ଡାବାଡ଼ ଗ୍ରାମରେ ୨ ଜଣ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ସେମାନେ ହେଲେ ଗୋପି ଜାନି ଓ ହଜାରୀ ଜାନି। ଏନେଇ ସୋମବାର ଗ୍ରାମରେ ଏକ ସଚେତନତା ଶିବିର ଓ ଗୃହ ପାଳିତ ପ୍ରାଣୀଙ୍କ ଟିକାକରଣ କରାଯାଇଛି। ଏହି ଶିବିର ପ୍ରାଣୀ ଚିକିତ୍ସା ଅଧିକାରୀ ଚିନ୍ମୟ ଶ୍ରୀଚନ୍ଦନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଡାକ୍ତର ସିଦ୍ଧାର୍ଥ ଶଙ୍କର ସାବତ, ପୁରୁଷୋତ୍ତମ ଗଉଡ଼ଙ୍କ ସହ ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ଗାଁରେ ଥିବା ଶତାଧିକ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଆଯାଇଛି। ସେହିପରି ୧୫ ବିଭିନ୍ନ ଗୃହପାଳିତ ପ୍ରାଣୀଙ୍କ ରକ୍ତ ଓ ମୃତ୍ତିକା ନମୁନା ସଂଗ୍ରହ କରିଛନ୍ତି। ଯଦି କୌଣସି ପ୍ରାଣୀଙ୍କ ମୃତ୍ୟୁ ହୁଏ ତାହାର ମାଂସ ନ ଖାଇ ମାଟିରେ ପୋତିଦେବା ପାଇଁ ଗ୍ରାମବାସୀ ଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଅଞ୍ଚଳଙ୍କରେ ପ୍ରାଣୀମାନଙ୍କୁ ଆନ୍ଥ୍ରାକ୍ସ ରୋଗ ପାଇଁ ଟିକାକରଣ କରାଯିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ ସାହୁ ପ୍ରକାଶ କରିଛନ୍ତି।

# ବିଭିନ୍ନ ଦାବି ନେଇ ବିଧାୟକଙ୍କୁ ସ୍ମାରକପତ୍ର

ଜୟପୁର,୧୧।୧୧(ଡି.ଏନ.ଏ)




ଜିଲା ଯୋଗାଣ ସହାୟକ ସଂଘ କର୍ମକର୍ତ୍ତାମାନେ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବିଭିନ୍ନ ଦାବି ନେଇ କୋରାପୁଟ ଜିଲା ଯୋଗାଣ ସହାୟକ ସଂଘ ପକ୍ଷରୁ ସୋମବାର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ସଂଘ କର୍ମକର୍ତ୍ତା ଓ ସଦସ୍ୟ ମାନେ ମିଳିତ ଭାବେ ବିଧାୟକ ବାହିନୀପତିଙ୍କୁ ସ୍ଥାନୀୟ ଆବାସିକ କାର୍ଯ୍ୟାଳୟଠାରେ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ୫ ବର୍ଷ ଧରି ନିଜ ପଞ୍ଚାୟତରେ ଯୋଗାଣ ସହାୟକ ଭାବେ କାର୍ଯ୍ୟ କରୁଛୁ। ସରକାର ଏବଂ ପ୍ରଶାସନ ପକ୍ଷରୁ ଯେଉଁ ଦାୟିତ୍ୱ ପ୍ରଦାନ କରାଯାଉଛି, ତାହାକୁ ସମସ୍ତ କର୍ମଚାରୀ ନିଷ୍ଠାପର ସହିତ ସମ୍ପାଦିତ କରୁଛନ୍ତି। ତେଣୁ ଯୋଗାଣ ସହାୟକ ମାସିକ ଦରମା ୬ ହଜାର ଟଙ୍କାରୁ ବୃଦ୍ଧି କରିବା, ପଞ୍ଚାୟତ କାର୍ଯ୍ୟାଳୟ ବଦଳରେ ବ୍ୟାଙ୍କ ଜମାଖାତା ମାଧ୍ୟମରେ ଦରମା ପ୍ରଦାନ, ୬ ବର୍ଷରୁ ଅଧିକ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଚାକିରି ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା ଓ ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରିଛନ୍ତି। ଏହି ଦାବି ଆଗାମୀ ବିଧାନସଭାରେ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ଚନ୍ଦନ ନାୟକ, ସମ୍ପାଦକ ସୀତାରାମ ହରିଜନ, ପ୍ରଶାନ୍ତ ପଣ୍ଡା, ସନତ ଦାଶ, ସୀମାଞ୍ଚଳ ଦାଶ, ହରି ନାୟକ, ସୁରୁ ହରିଜନ, ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଶିକ୍ଷା ଦିବସ ପାଳିତ

ଜୟପୁର,୧୧।୧୧(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜୟନ୍ତି ଅବସରରେ ଏହି ଦିବସ ପାଳିତ ହେଉଥିବା ନେଇ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ପଟ୍ଟନାୟକ ପ୍ରକାଶ କରିଥିଲେ। ଶିକ୍ଷକ ପ୍ରଭାତ ରଥ ନିଜ ବକ୍ତବ୍ୟରେ ମୌଲାନ ଆଜାଦ ମାତ୍ର ୧୨ ବର୍ଷ ବୟସରେ ଲାଇବ୍ରେରୀ ଏବଂ ବକ୍ତୃତା ସଭା ଛାତ୍ରମାନଙ୍କ ନିମନ୍ତେ ସ୍ଥାପନା କରିଥିଲେ ବୋଲି କହିଥିଲେ। ଏହି ଅବସରରେ ବିଜ୍ଞାନ ଶିକ୍ଷକ ପ୍ରକାଶ ପଟ୍ଟନାୟକ ଏକ ଭିଡିଓ ଫିଲ୍ମ ମାଧ୍ୟମରେ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପଞ୍ଚୁକରେ ଶ୍ରୀଜୀଉଙ୍କ ଆଡକିଆ ବେଶ



ଆଡକିଆ ବେଶରେ ତିନିଠାକୁର।

ଜୟପୁର ୧୧।୧୧(ନି.ପ୍ର) :

ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ଅବସରରେ ଜୟପୁର ଉତ୍ସବ ମୁଖର ହୋଇଛି। ଜୟପୁର ଜଗନ୍ନାଥ ମନ୍ଦିରରରେ ଶ୍ରୀ ଜୀଉଙ୍କୁ ଆଡକିଆ ବେଶରେ ସଜ୍ଜିତ କରାଯାଇଛି। ସ୍ୱତନ୍ତ୍ର ଆଳତି ଭୋଗ ଲାଗି କରାଯାଇଥିଲା। ଶ୍ରୀଜିଉଙ୍କୁ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ହରି ନାମ ଭଜନରେ ପରିବେଶ ମୁଖରିତ ହୋଇଥିଲା। ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସମ୍ମିଳନୀ



ସମ୍ମିଳନୀରେ ଭାଗ ନେଇଥିବା ମହିଳାମାନେ।

ବୈପାରୀଗୁଡା,୧୧।୧୧ (ଡି.ଏନ୍.ଏ)

କୋରାପୁଟ ଜିଲା ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ଦ୍ୱିବାର୍ଷିକ ଜିଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ଜିଲା ସଭାନେତ୍ରୀ ଇନ୍ଦୁମଣୀ ଦାସ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପରିଷଦର ଉପସଭାପତି ସରୋଜିନୀ ନାୟକ ମୁଖ୍ୟବକ୍ତା , ସଦସ୍ୟା ସୁଲୋଚନା ପ୍ରଧାନ ସମ୍ମାନିତ ବକ୍ତା ଏବଂ ଏସ୍ୟୁସିଆଇ ଜିଲା ସମ୍ପାଦକ କାହ୍ନୁ ଚରଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ସମାଜ ସଂସ୍କାରକ ରାଜା ରାମମୋହନ ରାୟ ଏବଂ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ନିତି ଆଦର୍ଶକୁ ଅନୁସରଣ କରିବାକୁ ମୁଖ୍ୟବକ୍ତା ପ୍ରବର୍ତ୍ତାଇଥିଲେ। କୁସଂସ୍କାର ଯଥା ବାଲ୍ୟ ବିବାହ , ସତୀଦାହ ପ୍ରଥା ବିରୋଧରେ ଏହି ଦୁଇ ମହାପୁରୁଷ ମହିଳାମାନଙ୍କୁ ସଂଗଠିତ କରି ଲଢି ସଫଳ ହୋଇଥିଲେ। ସ୍ୱାଧୀନତାର ୭୦ ବର୍ଷ ପରେ ବି ନାରୀ ଅବହେଳିତ ହୋଇ ରହିଥିବା ବେଳେ ନାରୀ ନିର୍ଯାତନା ,ଅପସଂସ୍କୃତି ବୃଦ୍ଧି ପାଇଛି। ଏସବୁକୁ ରୋକିବାକୁ ହେଲେ ନାରୀମାନଙ୍କୁ ସଂଗଠିତ ହୋଇ ଲଢିବାକୁ ପଡିବ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ। ଏହି ଅବସରରେ ଜିଲା ସାଂସ୍କୃତିକ ସଂଗଠନ ପରିଚାଳନା ପାଇଁ ଏକ ୧୩ ଜଣିଆ କମିଟି ମନୋନିତ କରାଯାଇଥିଲା। ଉକ୍ତ କମିଟି ସଭାନେତ୍ରୀ ଭାବେ ଇନ୍ଦୁମତି ଦାସ ଏବଂ ସମ୍ପାଦକ ଭାବେ ଲକ୍ଷ୍ମୀ ବାରିକ ମନୋନିତ ହୋଇଥିଲେ।

## ଦାମନଯୋଡ଼ିରେ ପଞ୍ଚଦେବ ପୂଜା

ଦାମନଯୋଡି, ୧୧।୧୧ (ଡ଼ି.ଏନ.ଏ)- ନାଲ୍କୋ ଟାଉନଶିପ ସେକ୍ଟର-୧ ଶ୍ରୀଜଗନ୍ନାଥମନ୍ଦିର ପାଠାଗାରଠାରେ ୧୦ ଦିନ ଧରି ଚାଲିଥିବା ଆଧାତ୍ମିକ କାର୍ଯ୍ୟକ୍ରମର ଉଦ୍ଯାପନୀ ଉତ୍ସବରେ ରବିବାର ପଞ୍ଚଦେବ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣେଶ, ସୂର୍ଯ୍ୟ, ଶିବ, ବିଷ୍ଣୁ ଓ ଲକ୍ଷ୍ମୀମାତାଙ୍କୁ ସାମୂହିକ ପୂଜା କରାଯାଇଥିଲା। ଜଗତରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ପଞ୍ଚଦେବ ପୂଜା ବିଧି ରହିଛି। ପ୍ରତି ଦେବତାଙ୍କର ୧୦୮ଥର ନାମ ଆବୃତ୍ତି କରି ପୂଜାପାଠ କରାଯାଇଥିଲା। ଆଚାର୍ଯ୍ୟ ସ୍ୱାମୀ ତନିଷ୍ଠାନନ୍ଦ ସରସ୍ୱତୀ ବେଦ ଓ ଉପନିଷଦ ଏବଂ ସନ୍ଧ୍ୟାରେ ଗୀତାଜ୍ଞାନ ପ୍ରଦାନ କରି ଶ୍ରଦ୍ଧାଳୁଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଦାମନଯୋଡି ବେଦାନ୍ତ ସମିତି ପକ୍ଷରୁ ୧୬ବର୍ଷ ଧରି ଏହା ଆୟୋଜିତ ହୋଇଆସୁଛି। ବେଦାନ୍ତ ସମିତି ମୁଖ୍ୟପୁରୋଧା ବି.ଏନ. ମହାରଣା, ଆର.ଏନ. ମୁଦୁଲି, ପୀତବାସ ନାୟକ, ବିଶ୍ୱରଞ୍ଜନ ପାଠୀ, ନକୁଳ ପତି, ରଞ୍ଜନ କୁମାର ଜେନା, ଏଚ.କେ. ପାଣିଗ୍ରାହୀ, ରବିନାରାୟଣ ସାହୁ, ପ୍ରସନ୍ନ ସାହୁ, ବିଜୟ କୁମାର ଜେନା ଓ ପ୍ରକାଶ ପ୍ରମୁଖ ପରିଚାଳନା କରିଥିଲେ।

# ନୂତନ ମନ୍ଦିର ପ୍ରତିଷ୍ଠା ନେଇ କଳସ ଯାତ୍ରା

କୋଟପାଡ଼,୧୧।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ସହରର ଆରାଧ୍ୟ ଦେବୀ ମା' ମାଉଳିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୯ ତାରିଖରୁ ଆରମ୍ଭ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୯ରେ ଭୀମା ଖୁଣ୍ଟି ସ୍ଥାପନ କରାଯାଇଥିବା ବେଳେ ୧୦ରେ ସହରର ସମସ୍ତ ଦେବଦେବୀଙ୍କୁ ନିମନ୍ତ୍ରଣ ପର୍ବ ଆୟୋଜିତ ହୋଇଥିଲା। ସୋମବାର କୋଟପାଡ଼ ଅଞ୍ଚଳରେ ଐତିହାସିକ ଦମୟନ୍ତୀ ସାଗର ଛାଣି ପାଖରୁ କଳସଯାତ୍ରା ବାହାରିଥିଲା। ରାଣୀଘାଟରେ ପଣ୍ଡିତମାନଙ୍କ ଦ୍ୱାରା ମା'ଙ୍କୁ ଆହ୍ୱାନ କରାଯାଇ ହୋମଯଜ୍ଞ, ଆଳତି କରାଯାଇଥିଲା। ଏଥିରେ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇ ସହର ପରିକ୍ରମା କରି ନୂତନ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଅବସରରେ ବଡ଼ଦାଣ୍ଡ ରାସ୍ତାକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମାଧୁରୀ ମିଳନ ସମାଜ ତରଫରୁ ବହୁ ପୁରାତନ ଲୋକ ନାଟକ ବୈଶାଳିନୀ ହରଣ ପରିବେଷଣ କରାଯାଇଥିଲା। ଏଥିସହ ମିନାବଜାର କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୋଲିସ ମୂତୟନ କରାଯାଇଛି।



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ

ବୋରିଗୁମ୍ମା,୧୧।୧୧(ଡ଼ି.ଏନ.ଏ)



ବାର୍ଷିକ କ୍ରୀଡ଼ାରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ ଜିଲା ବୋରିଗୁମ୍ମାସ୍ଥିତ ପ୍ରଜ୍ଞା ବିହାରଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡାର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଏଲ.ନାରାୟଣ ରାଓ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଶିଶୁ ଓ ବାଲ୍ ବିଭାଗରେ ଛାତ୍ରୀଛାତ୍ରମାନେ ମୋଟ ୩୪ ଗୋଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଡିସକସ ଭଳି ଅନ୍ୟାନ୍ୟ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କେ.ନାଗରାଜ ଦୋରା ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ କମିଟି ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ଉପସଭାପତି କୁନୁ ଦଣ୍ଡସେନା, କୋଷାଧକ୍ଷ କବିବର ନାୟକ , କେ.ଦେବଦତ୍ତମ ଦୋରା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମମତା ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ପଞ୍ଚାୟତବାସୀ

## ସରପଞ୍ଚ ପଦବୀ ନିମନ୍ତେ ଉପନିର୍ବାଚନ ବିଳମ୍ବ

ପଟ୍ଟାଙ୍ଗି,୧୧।୧୧(ଡ଼ି.ଏନ.ଏ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ରାଲେଗଡା ପଞ୍ଚାୟତ ସରପଞ୍ଚ ପଦବୀ ନିମନ୍ତେ ହେବାକୁ ଥିବା ଉପନିର୍ବାଚନ ବିଳମ୍ବ ନେଇ ପଞ୍ଚାୟତ ବାସିନ୍ଦା ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଖୁବ୍‌ଶୀଘ୍ର ନିର୍ବାଚନ କରାଯିବ ବୋଲି ଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ୧୦ ମାସ ତଳେ ଉକ୍ତ ପଞ୍ଚାୟତର ସରପଞ୍ଚ ରାମ କଟାଙ୍କ ମୃତ୍ୟୁ ହୋଇଥିଲା। ଏଥିଲାଗି ୬ ମାସ ମଧ୍ୟରେ ଉପନିର୍ବାଚନ ହେବାକୁ ସରକାରୀ ନିୟମ ରହିଛି। ହେଲେ ଏଥିରେ ବ୍ୟତିକ୍ରମ କରାଯାଇ ବର୍ତ୍ତମାନ ପର୍ଯ୍ୟନ୍ତ ନିବାଚନ ପାଇଁ ସରକାରୀ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ସରପଞ୍ଚ ପଦକୁ ହାତେଇ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏବଂ ୱାର୍ଡ଼ସଭ୍ୟ ଅପବ୍ୟବହାର କରୁଛନ୍ତି। ଏଥିସହ ପଞ୍ଚାୟତ ବାସିନ୍ଦା ଙ୍କ ସମସ୍ୟା ସମାଧାନ କରିବା ରେ ରାଜନୀତି କରୁଛନ୍ତି। ନିଜେ ଠିକାଦାର ସାଜି ସରକାରୀ ଯୋଜନାକୁ ଦୁରୁପଯୋଗ କରୁଥିବା ପଞ୍ଚାୟତର ୱାର୍ଡ଼ସଭ୍ୟ ମୁସୁରି ଗଙ୍ଗା, ଜି. ଅନିଲ କୁମାର ଚୌଧୁରୀ, ଲୋକନାଥ ଜୟନ୍ତୀ, ତ୍ରିନାଥ ଜାନି, ଆପାନା ଜାନି, ଆପାରାଓ ମାଝି , ରାମ ମାଝି , ନାଗେସ ତାମାଲ, ପୁଟାପାଡୁ ଗ୍ରାମର ଆପାରାଓ ତୋଟାପାଡିଆ , ମାଝି ବଲୁ , ଜାନି ଗୁଲା, ମିରିଆଲପାଡୁ ଗ୍ରାମର ମୁସୁରି ଗାଙ୍ଗାନା , କଟା ଦାନୁ , କଟା ଶୁକ୍ରା , ମାନ୍ଦିଆ ବଲୁ, ଜୟରାମ ହନ୍ତାଳ ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ଆମ ପଞ୍ଚାୟତର ସରପଞ୍ଚ ପାଇଁ ଉପନିର୍ବାଚନ କାରାଯାଉ ବୋଲି ଦାବି କରିଥିଲେ। ୦୧ ନଂ ଜିଲା ପରିଷଦ ସଭ୍ୟ ଡୁମୁରି ଖିଲଙ୍କ ମୃତ୍ୟୁର ୬ ମାସ ନ ପୁରୁଣୁ କିପରି ଏଥିଲାଗି ଉପନିର୍ବାଚନ ନିମନ୍ତେ ଦିନ ଧାର୍ଯ୍ୟ କରାଗଲା ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ଆମ ପଞ୍ଚାୟତରେ ଉପନିର୍ବାଚନ କରିବାକୁ ବ୍ଲକ ପ୍ରଶାସନ ଇଚ୍ଛା ପ୍ରକାଶ କରୁ ନ ଥିବା ଅଭିଯୋଗ କରିଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା ସୋରିଷପଦର କୁମ୍ଭାରଶାଳ



ଟିକିରି, ୧୧।୧୧(ଡି.ଏନ୍.ଏ.)- ରାୟଗଡା ଜିଲା କାଶୀପୁର ବ୍ଲକ ପୋଡାପାଡି ପଞ୍ଚାୟତ ସୋରିଷପଦର ଗାଁର ଏକ କୁମ୍ଭାରଶାଳରେ ନିଆଁ ଲାଗିଯାଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିରେ ପ୍ରାୟ ୨୦ରୁ ୩୦ ହଜାର ଟଙ୍କାର ସମ୍ପତି ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ଗ୍ରାମର କିଛି ଲୋକେ ସବୁଦିନ ଭଳି ରବିବାର ମଧ କୁମ୍ଭାରଶାଳାରେ ହାଣ୍ଡିଗୁଡିକ ପୋଡୁଥିଲେ। କିନ୍ତୁ କୌଣସି କାରଣରୁ ଏହି ନିଆଁ ବ୍ୟାପି ଯାଇଥିଲା। ଖଗ କୁମ୍ଭାର, ଉଦ୍ଧବ କୁମ୍ଭାର, ଦୁଃଖୁ କୁମ୍ଭାର, ଆସ୍ତ କୁମ୍ଭାର, ପ୍ରସନ୍ନ କୁମ୍ଭାର, ଜାଙ୍ଗୁ କୁମ୍ଭାର, ଧାନ କୁମ୍ଭାରଙ୍କ ମାଟି ହାଣ୍ଡିଗୁଡିକ ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇବାକୁ ଦାବି ହୋଇଛି।

### ବେଆଇନ ବାଲି ଚାଲାଣ: ୧୫ ହଜାର ଜରିମାନା

ଗୋଷାଣୀ,୧୧।୧୧(ଡି.ଏନ୍.ଏ.)-ବେଆଇନ ବାଲି ଚାଲାଣ କରାଯିବା ସମୟରେ ପାରଳାଖେମୁଣ୍ଡି ତହସିଲଦାର ଏକ ଟ୍ରାକ୍ଟରକୁ ଜବତ କରିବା ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ତହସିଲଦାର ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ନେଇ ସୋମବାର ଲାବଣ୍ୟଗଡ଼ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର(ଏପି-୩୦ଭି-୪୭୨୯)କୁ ଯାଞ୍ଚ କରାଯାଇ ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହେଲେ ସେଠାରେ ଥିବା ଅନ୍ୟ ଟ୍ରାକ୍ଟରଗୁଡ଼ିକ ଖସି ପଳାଇଥିବା ଜଣାପଡ଼ିଛି। ତେବେ ତହସିଲଦାର (ଓଡି-୨୦ଏ-୭୧୯୦) ଓ (ଏପି-୩୦ୱାଇ-୦୯୪୮) ନମ୍ବର ବିଶିଷ୍ଟ ୨ ଗାଡ଼ିର ନମ୍ବର ଫଟୋ ଉଠାଇଥିବା ଜଣାପଡ଼ିଛି। ଏହି ଦୁଇ ଗାଡ଼ି ବିରୋଧରେ ଗାରାବନ୍ଧ ଥାନାରେ ଏତଲା ଦିଆଯାଇଥିବା ତହସିଲଦାର କହିଛନ୍ତି।

### ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

ନବରଙ୍ଗପୁର,୧୧।୧୧(ବି.ପ୍ର)- ତେନ୍ତୁଳିଖୁଣ୍ଟି ଥାନା ଅଧୀନ ଦିଗିସଲପା ଗାଁର ମନ୍ଦିର ପଛପଟେ ଥିବା ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ଦିଗିସଲପା ଗାଁର ସୀମାଞ୍ଚଳ ପଟ୍ଟନାୟକଙ୍କ ପୁଅ ରାଜା (୭)। ସୋମବାର ସ୍କୁଲ ଛୁଟି ଥିବାରୁ ରାଜା ଘରେ ଥିଲେ। ତେବେ ସେ କେତେବେଳେ ପୋଖରୀ ନିକଟକୁ ଗଲେ ତାହା ସନ୍ଦେହ ଘେରେ ରହିଛି। ସେ ପୁଜାରିଗୁଡା ଶିଶୁ ମନ୍ଦିରରେ ପାଠ ପଢୁଥିଲେ।

# ପଲିଥିନ୍ ଥିବା ଯାଏ ବଢ଼ିବନି ଠୁଙ୍ଗାର ଚାହିଦା

## କଟକଣା ସତ୍ତ୍ୱେ କମୁନି ପଲିଥିନ ବ୍ୟବହାର

ରାୟଗଡ଼ା ଅଫିସ, ୧୧।୧୧

ବର୍ତ୍ତମାନ ସରକାର ସାରା ଦେଶରେ ପଲିଥିନ୍ ବ୍ୟବହାର ନିଷିଦ୍ଧ କରିଛନ୍ତି। ଏପରି ସ୍ଥଳେ ବଜାରରେ ଠୁଙ୍ଗା ଏହାର ବିକଳ୍ପ। କିନ୍ତୁ ପ୍ରଶାସନ ଓ ଲୋକେ ସଚେତନ ହେଉ ନ ଥିବାରୁ ପଲିଥିନ୍ ବ୍ୟବହାର ବନ୍ଦ ହୋଇପାରୁନି। ଫଳରେ ଠୁଙ୍ଗାର ଚାହିଦା ମଧ ବଜାରରେ ରହୁନି। ବେପାରୀ ମଧ ବିଭିନ୍ନ ଅସୁବିଧାରେ ଗତି କରୁଛନ୍ତି। ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେଲେ ହିଁ ଠୁଙ୍ଗା ବଜାରରେ ସ୍ଥାନ ପାଇପାରିବ ବୋଲି ବ୍ୟବସାୟୀ କହିଛନ୍ତି।

ଜିନିଷ ନେଣଦେଣ ପାଇଁ ପୂର୍ବରୁ ଲୋକେ ଠୁଙ୍ଗା ଉପରେ ନିର୍ଭର କରୁଥିଲେ। ଏହାକୁ ବୃତ୍ତି କରି ଅନେକ ପରିବାରର ଗୁଜୁରାଣ ମେଣ୍ଟୁଥିଲା। କିନ୍ତୁ କଳାକ୍ରମେ ପଲିଥିନ୍ ଏହାର ସ୍ଥାନ ନେଇଥିଲା। ପଲିଥିନ୍ ବ୍ୟବହାର ଯୋଗୁ ପରିବେଶ ଉପରେ ପ୍ରଭାବ ପଡୁଥିବା ହେତୁ ସରକାର ଏହାକୁ ବନ୍ଦ କରି ଦେଲେ। ଏହାପରେ ଠୁଙ୍ଗା ବ୍ୟବସାୟୀ ପୁଣି କାମ ଆରମ୍ଭ କରିଥିଲେ। ରାୟଗଡ଼ାରେ ଏବେ ପ୍ରାୟ ୧୦ଟି ପରିବାର ଠୁଙ୍ଗା ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ୧୦ରୁ ୧୫ ଟଙ୍କା ମଧରେ ପୁରୁଣା ଅଦରକାରୀ କାଗଜକୁ କିଣିବା ପରେ ସେମାନେ ସେଥିରେ ଠୁଙ୍ଗା ତିଆରି କରିଥାନ୍ତି। ଏବେ ଦୈନିକ ୫କିଲୋ ଠୁଙ୍ଗା ବିକ୍ରି ହେଉଛି। କେଜି ପ୍ରତି ୩୦ ଟଙ୍କା ହିସାବରେ ୧୫୦ଟଙ୍କା ମଜୁରିରେ ଘର ଚଳାଇବା କଷ୍ଟକର ବୋଲି ବ୍ୟବସାୟୀମାନେ କହିଛନ୍ତି। ଏହାଛଡ଼ା ଆନ୍ଧ୍ରରୁ କିଛି ବେପାରୀ ଆସି ରାୟଗଡ଼ାରେ ଠୁଙ୍ଗା ବ୍ୟବସାୟ କରୁଛନ୍ତି। ରାଣୀଗୁଡ଼ା ଫାର୍ମ, ବୁଦ୍ରାୱାଲସା ସମେତ ବିଭିନ୍ନ ଏସ୍ଏଚ୍ଜି ମହିଳା ଏହି ଠୁଙ୍ଗା ତିଆରି କରୁଛନ୍ତି। କିନ୍ତୁ ଆଗ ଭଳି ଆଉ ଠୁଙ୍ଗାର ଚାହିଦା ନାହିଁ ବୋଲି ସେମାନେ କହିଛନ୍ତି। ସହରର ଅନେକ ଦୋକାନରେ ଏବେ ବି ପଲିଥିନ୍ କାରବାର ଚାଲିଛି। ସେ ସବୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ନ ହେଲେ ଠୁଙ୍ଗା ବ୍ୟବସାୟୀ ଏଭଳି ଆର୍ଥିକ ଅନଟନରେ ଗତି କରୁଥିବେ ବୋଲି ସେମାନେ କହିଛନ୍ତି। ବାପା ଏ କାମ କରି ଆମକୁ ବଡ଼ କରିଛନ୍ତି। ତାଙ୍କ ଠାରୁ ଏହି କାମ ଶିଖିଛି। ୨୦ ବର୍ଷ ତଳେ ବିଲକୁଲ ପଲିଥିନ ନ ଥିଲା। ସେତେବେଳେ ଦିନକୁ ୧୬୦ କେଜି ଠୁଙ୍ଗା ସରୁଥିଲା। ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧରେ ହିଁ ଠୁଙ୍ଗାର ଚାହିଦା ବଢ଼ିବ ବୋଲି ଭବାନୀ ସାହି ର ଠୁଙ୍ଗା କାରିଗର ଡି. ଶ୍ରୀରାମ ମୂର୍ତ୍ତି କହିଛନ୍ତି।



ଠୁଙ୍ଗା ତିଆରି କରାଯାଉଛି ।

# ପାଇଖାନା ଟାଙ୍କିରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ଘଟଣା

# ୩ ଅଭିଯୁକ୍ତ ଗିରଫ

ରାୟଗଡ଼ା ଅଫିସ, ୧୧।୧୧

ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ହାତୀଖମ୍ଭା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଖାନା ଟାଙ୍କିରୁ ସ୍ଥାନୀୟ ଅଞ୍ଚଳର ଉଦାଲା ରାଜାରାଓ (୫୨)ଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଥିଲା। ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ସୋମବାର ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହାତୀଖମ୍ଭା ଗାଁର ରାଜେନ୍ଦ୍ର ପାଲାକା(୨୫), ମାଧବ କାଡ୍ରାକା(୨୫) ଓ ମାଣ୍ଡାଲା ମହେନ୍ଦ୍ର (୨୪)। ପୋଲିସ କେସ୍ ନମ୍ବର ୧୮୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶୁକ୍ରବାର ରାତିରେ ଉଦାଲା ଓ ତାଙ୍କ ସ୍ତ୍ରୀ ଘରେ ବସିଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ମଦ ପିଇବାକୁ ଡାକିଥିଲେ। ୪ଜଣ ଏକାଠି ମଦ୍ୟପାନ କରିବା ପରେ ସେମାନଙ୍କ ମଧରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଉଦାଲାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିବା ପରେ ସ୍କୁଲ ପାଇଖାନା ଟାଙ୍କିରେ ଫୋପାଡି ଦେଇଥିଲେ ବୋଲି ଚାନ୍ଦିଲି ଥାନାଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ପୋଲିସ ଅନୁମାନ କରୁଛି।

## ■ କାର୍ତ୍ତିକ ଶେଷ ସୋମବାର

# ନାମ ସଂକୀର୍ତ୍ତନରେ କମ୍ପିଲା ଦେବାଳୟ



ବିଷମକଟକ ରାଧାକୃଷ୍ଣ ମନ୍ଦିରରେ ସଂକୀର୍ତ୍ତନ ଚାଲିଛି।

ରାୟଗଡ଼ା ଅଫିସ/ଗୁଣପୁର/ ବିଷମକଟକ/ଟିକିରି, ୧୧।୧୧(ଡି.ଏନ୍.ଏ.)

କାର୍ତ୍ତିକ ମାସର ଶେଷ ସୋମବାର ଅବସରରେ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ନିକଟରେ ପାଣି ଲାଗି କରିବା ସହ ମନସ୍କାମନା ପୂର୍ଣ୍ଣ ପାଇଁ ପୂଜା କରିଥିଲେ। ରାୟଗଡ଼ା ସହରର ଶିବ ମନ୍ଦିର, ବ୍ରାହ୍ମଣ ସାହି ବାଲୁଙ୍କେଶ୍ୱର ମନ୍ଦିର, ଉମାଶଙ୍କର ଲେନ୍, ରଇତ କଲୋନୀ, ପ୍ରେମ ପାହାଡସ୍ଥିତ ଶିବ ମନ୍ଦିର ସମେତ ଅନ୍ୟ ସବୁଠି ଭକ୍ତଙ୍କ ଭିଡ଼ ଦେଖାଦେଇଥିଲା। ଏହି ଅବସରରେ ବ୍ରାହ୍ମଣ ସାହିସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ଅଷ୍ଟପ୍ରହର ଅନୁଷ୍ଠିତ ହୋଇଥିଲା। ରାୟଗଡ଼ାର ଗାରିଡ଼ି, ସୋରପିଲି, ଜାଗୁଗୁଡ଼ା, ସିଲଟିଗୁଡ଼ା ଆଦି ସ୍ଥାନରୁ ସଂକୀର୍ତ୍ତନମଣ୍ଡଳୀ ଏଥିରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଏହା ଶେଷ ହେବ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ୩୦୦୦ ଲୋକଙ୍କ ପାଇଁ ମାଗଣା ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଗୁଣପୁର କଲେଜ ନିକଟ କାଶୀବିଶ୍ୱନାଥ, ସେଫାଳିପାହାଡସ୍ଥିତ ରାମେଶ୍ୱର, ସହର ମଧରେ ଥିବା ଉମା ରାମଲିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର, ମହାମୃତ୍ୟୁଞ୍ଜୟ, ବିକ୍ରମପୁର କରାବାଙ୍କସ୍ଥିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ମଲ୍ଲିକେଶ୍ୱର, ଭୂତେଶ୍ୱର, ନାଗେଶ୍ୱର, ଶୈବପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ବିଭିନ୍ନ ସ୍ଥାନରେ ଭୋଜି ଭାତର ଆସର ଜମିଥିଲା। ବିଷମକଟକସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ସୋମବାର ସକାଳୁ ନାମ ସଂକୀର୍ତ୍ତନ କରାଯାଉଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଉଛି। ରବୀନ୍ଦ୍ର ନାଥ ପଣ୍ଡା, ନରସିଂହ ପ୍ରସାଦ ଦାସ, ସମର କୁମାର ସାହୁ, ତ୍ରିପତି ନାୟକ, ଅକ୍ଷୟ କୁମାର ରଣା, ଚିରଞ୍ଜୀବୀ ପାତ୍ର, ଗୋପଗୋବିନ୍ଦ ସାହୁ, ଆଲୋକ ରଞ୍ଜନ ଝୁଣ୍ଟିଆ, ଲକ୍ଷ୍ମଣ ବେହେରା, କାହ୍ନୁ ବେହେରା, ଗୌରହରି ଗୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଶୀପୁର ବ୍ଲକ ଦୁଦୁକାବାହାଲ, ଶଙ୍କରଡା, ଟିକିରି, ହରିଦାସପୁର, ଉତ୍କଳେଶ୍ୱର, ପୋଡାପୋଡି, ଡଙ୍ଗାସିଲି ମନ୍ଦିରରେ ଏହି ଅବସରରେ ହବିଷିଆଳିଙ୍କ ଭିଡ଼ ଦେଖା ଦେଇଥିଲା।

# ଜିପିଏସ୍‌ରେ ବୋଇତ ବନ୍ଦାଣ ଉତ୍ସବ

ଗୁଣପୁର,୧୧।୧୧(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ(ଜିପିଏସ୍)ରେ ବୋଇତ ବନ୍ଦାଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପିଲାମାନେ ସାଧବ ବୋହୂ ଏବଂ ପୁଅ ବେଶରେ ସଜ୍ଜିତ ହୋଇ ସାମିଲ ହୋଇଥିଲେ। ବାଣିଜ୍ୟ କରିବାକୁ ଦୂରକୁ ଯାଉଥିବା ସାଧବ ପୁଅଙ୍କୁ ସାଧବ ବୋହୂମାନେ ସିନ୍ଦୁର,ଚନ୍ଦନ, ଅର୍ଘ୍ୟ ଲାଗାଇ ବନ୍ଦାପନା କରିଥିଲେ। ଏଥିସହ ପିଲାମାନେ ହାତ ତିଆରି ଡଙ୍ଗା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଏହି ଅବସରରେ ଉତ୍କଳର ସ୍ମୃତିଚାରଣ କରିଥିଲେ। ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଡାଇରେକ୍ଟର ଜେନେରାଲ ଡ.ଜଗଦିଶ ପଣ୍ଡା ଉପସ୍ଥିତ ଥିଲେ। ପିଲାମାନେ ସଂସ୍କୃତି ଏବଂ ପରମ୍ପରାକୁ ନେଇ ଅଭିନୟ ପ୍ରଦର୍ଶନ କରିଥିବାରୁ ସେ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସିଟି କ୍ୟାମ୍ପସ ପ୍ରଧାନ ଶିକ୍ଷୟିତ୍ରୀ ଟି.ଶ୍ରୀଦେବୀଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।



ପିଲାମାନେ ସାଧବ ବୋହୂ ଏବଂ ସାଧବ ପୁଅ ବେଶରେ ସଜ୍ଜିତ ହୋଇଛନ୍ତି।

### ୩ ବଖରା ଜଳିଗଲା, ୪ ଛେଳି ଦଗ୍ଧ

ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଗଡ ସାମନ୍ତରାପୁର ଗାଁରେ ସୋମବାର ଅପରାହ୍ନ ସାଢ଼େ ୩ ଟାରେ ଅଗ୍ନିକାଣ୍ଡ ଘଟି କ୍ରିଷ୍ଣା ପାତ୍ର ଓ ନାଇନା ଗୌଡଙ୍କ ୩ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ୪ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡିଛି। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୨ ପରିବାରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। କାର୍ତ୍ତିକ ସୋମବାର ଥିବାରୁ ପରିବାର ଲୋକେ ଗାଁ ନିକଟ ଉଜ୍ଜଳେଶ୍ୱର ଶୈବପୀଠକୁ ଚାଲିଯାଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା।

## ■ ଅଧାରେ ରହିଲା ହରିଶଙ୍କର ଦର୍ଶନ

# ଦୁର୍ଘଟଣାରେ ବାଳିକାଙ୍କ ଜୀବନ ଗଲା

ପାପଡାହାଣ୍ଡି,୧୧।୧୧(ଡି.ଏନ.ଏ)–

ସକାଳ ପାଇଲେ ହରି ଶଙ୍କର ଦର୍ଶନ ହୋଇଥାନ୍ତା । ହେଲେ ଦର୍ଶନ ଅଧାରେ ରହିଲା । ଭ୍ୟାନ ଧକ୍କାରେ ଚାଲିଗଲା ଜୀବନ । ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ସୋମବାର ସନ୍ଧ୍ୟାରେ ଘଟିଛି ଏହି ଘଟଣା । ବ୍ଲକର ମାନିଗାଁ ପଞ୍ଚାୟତ ବିରିସଲା ଗ୍ରାମର ମାମୁନି ସାନ୍ତାଙ୍କ (୭ ) ଏକ ଭ୍ୟାନ ଧକ୍କାରେ ମୃତ୍ୟୁ ହୋଇଛି । ହରିଶଙ୍କର ଦର୍ଶନ ପାଇଁ ଶାଳିମ ସାନ୍ତାଙ୍କ ପରିବାର ସୋମବାର ସନ୍ଧ୍ୟାରେ ଘରୁ ଏକ ଗାଡି ଧରି ବାହାରିଥିଲେ। ପାପଡାହାଣ୍ଡିରେ କିଛି ସଉଦା କରିବା ଲାଗି ସମସ୍ତେ ଉମରକୋଟ ରାସ୍ତାର ଏକ ଦୋକାନରେ କିଣାକିଣି କରିଥିଲେ। ମାମୁନି ବାପାଙ୍କ ପଛରେ ଆସୁଥିଲେ। ହଠାତ ରାସ୍ତା ପାରି ହେବା ସମୟରେ ପାପୁନି ଦୌଡ଼ି ଥିଲେ । ବିପରୀତ ଦିଗରୁ ଆସୁଥିବା ଏକ ଅଣ୍ଡା ଭ୍ୟାନ (ଓଆର୨୪ଏ୫୩୪୩) ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ସେ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ସାଙ୍ଗେ ସାଙ୍ଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।



ଗୁଣପୁରସ୍ଥିତ ଦୁର୍କାନିଗୁଡା ଶିବ ମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡି ଲାଗିଛି।



ଟିକିରି ଶିବ ମନ୍ଦିରରେ ଠାକୁରଙ୍କ ପୂଜା କରାଯାଉଛି।



ରାୟଗଡ଼ା ବ୍ରାହ୍ମଣ ସାହିସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।






# ମାନସିକ ଅସୁସ୍ଥଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା କର୍ତ୍ତବ୍ୟ

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ପାରଳାଖେମୁଣ୍ଡି ୧୧।୧୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଉପକଣ୍ଠ ରାଣୀପେଣସ୍ଥିତ 'ନିୟତି' ଅନୁଷ୍ଠାନ ପକ୍ଷରୁ ସୋମବାର ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗୌର ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ମାନସିକ ସ୍ତରରେ ଅସୁସ୍ଥ ଶିଶୁଙ୍କ ପ୍ରତି ସାହାଯ୍ୟର ହାତ ବଢାଇ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ଆମର କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ସେ କହିଥିଲେ । ଅନ୍ୟତମ ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଯୋଗଦେଇ ଆବାସିକ ବିଦ୍ୟାଳୟ ମାଧମରେ ମାନସିକ ସ୍ତରରେ ଅସୁସ୍ଥ ପିଲାଙ୍କ ଅଧିକାର ଓ ବିକାଶ ପାଇଁ ପ୍ରଶାସନ ଦୃଷ୍ଟି ଦେଉଥିବାବେଳେ ଆବଶ୍ୟକ ପଦକ୍ଷେପ ମଧ ନିଆଯିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗୀୟ ସଂଯୋଜିକା ଶିବାନୀ ପାଣିଗ୍ରାହୀ ଯୋଗଦେଇ ସରକାରୀ ସ୍ତରରେ ରହିଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ସାମାଜିକ କର୍ମୀ ଅରୁଣୀମା ସାହୁ, 'ହେଲ୍ପ' ଅନୁଷ୍ଠାନର ମୁଖ୍ୟ ଲିଙ୍ଗରାଜ ପାଣିଗ୍ରାହୀ ଏବଂ ଫିଜିଓଥେରାପିଷ୍ଟ ତଥା ଭୌତିକ ଚିକିତ୍ସକ ପ୍ରମୋଦ ନାଥ ପାଢୀ ମଞ୍ଚାସୀନ ଥିଲେ। ପରେ ବିଦ୍ୟାଳୟର ଜଣେ ମାନସିକ ଅସୁସ୍ଥ ଛାତ୍ରଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ନିୟତି ଅନୁଷ୍ଠାନ ଅନୁଷ୍ଠାନ ପରିସରରେ ଥିବା ବିଦ୍ୟାଳୟର ଭୌତିକ ଚିକିତ୍ସା କେନ୍ଦ୍ରରେ ଭୌତିକ ଚିକିତ୍ସକଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭୌତିକ ଚିକିତ୍ସା ତଥା ଫିଜିଓଥେରାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ।